## ସଂକ୍ଷେପରେ




### ସିପିଆଇ ପକ୍ଷରୁ ବିକ୍ଷୋଭ

**ଜୟପୁର, ୩୦।୧୦ (ନି.ପ୍ର):** ୭ ଦଫା ଦାବି ନେଇ ସିପିଆଇ ଜିଲା ଶାଖା ତରଫରୁ କୋଟପାଡ ବ୍ଲକ ଚାନ୍ଦିଲି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପିଇଓଙ୍କୁ ପ୍ରଦାନ କରିଥିଲେ। ଚାନ୍ଦିଲି ଗ୍ରାମ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦ ମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରିବା, ଡ ସ୍ୱାମୀନାଥନ କମିଶନରଙ୍କ ସୁପାରିସକୁ କାର୍ଯ୍ୟକାରୀ କରିବା, ୬୦ ବର୍ଷରୁ ଅଧିକ ପ୍ରତ୍ୟେକ ଚାଷୀଙ୍କୁ ପେନ୍‌ସନ୍ ପ୍ରଦାନ , ଦଖଲ କରିଥିବା ଜମି ଓ ବାସ କରୁଥିବା ଜମିର ସ୍ଥାୟୀ ପଟ୍ଟା ପ୍ରଦାନ , ପ୍ରକୃତ ଗରିବ ଏବଂ ଗୃହହୀନ ପରିବାରକୁ ଚିହ୍ନଟ କରି ଇନ୍ଦିରା ଆବାସ ଓ ବିଜୁ ପକ୍କା ଆବାସ ଯୋଜନାରେ ସାମିଲ କରିବା, ବିପିଏଲ ଚାଉଳକୁ ନିୟମିତ ପ୍ରଦାନ , ବାର୍ଦ୍ଧକ୍ୟ ବିଧବା, ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରି ମାସିକ ୧ ହଜାର ଟଙ୍କା ପେନସନ ପ୍ରଦାନ, ଶିକ୍ଷକ ନିଯୁକ୍ତ ଆଦି ଦାବି କରିଛନ୍ତି । ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ ଦସ୍ତଖତ କରି ଏହା ପ୍ରଦାନ କରିଛନ୍ତି ।

### କେସିସି ବ୍ୟାଙ୍କ କର୍ମଚାରୀଙ୍କ ଲାଗି ସ୍ୱାସ୍ଥ୍ୟ ବୀମା ଯୋଜନା ପ୍ରଣୟନ



**ଜୟପୁର, ୩୦।୧୦ (ନି .ପ୍ର):** କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ବ୍ୟାଙ୍କ ତରଫରୁ ଗୋଷ୍ଠୀ ସ୍ୱାସ୍ଥ୍ୟ ବିମା ଯୋଜନା ପ୍ରଣୟନ କରାଯାଇଛି । ବ୍ୟାଙ୍କ ସଭାନେତ୍ରୀ ଇନ୍ଦିରା ନନ୍ଦ, ବ୍ୟାଙ୍କ ପରିଚାଳନା ପରିଷଦ ଅନୁମୋଦନ କ୍ରମେ କର୍ମଚାରୀଙ୍କ ବହୁ ପ୍ରତିକ୍ଷିତ ଗୋଷ୍ଠୀ ସ୍ୱାସ୍ଥ୍ୟ ବୀମା ଯୋଜନା ଦାବି ପୁରଣ ହୋଇଛି । ଏହି କ୍ରମରେ ୧୩୧ ଜଣ କର୍ମଚାରୀ ଓ ତାଙ୍କ ଆର୍ଶିତ ପରିବାର ବର୍ଗ ପାଇଁ ଆଇସିଆଇସିଆଇ ଲମ୍ବବାଡ ବୀମା କମ୍ପାନୀକୁ ବୀମା କିସ୍ତି ଅର୍ଥ ବ୍ୟାଙ୍କ ଚେକ ଆକାରରେ ପ୍ରଦାନ କରିଛି । ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କ ସମ୍ପାଦକ ଅନନ୍ତ କୁମାର ସାମଲ ଓ ମୁଖ୍ୟ କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ ।

# ୧୫ରୁ ହେବ ଧାନ ସଂଗ୍ରହ

**କୋରାପୁଟ,୩୦।୧୦(ସ୍ୱ.ପ୍ର)**

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ବୁଧବାର ଡିଏଲ୍‌ପିସିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୫ରୁ ଜିଲାରେ ଧାନ ସଂଗ୍ରହ ଆରମ୍ଭ ହେବ । ୨୦୧୯-୨୦ ଆର୍ଥିକ ବର୍ଷ ଖରିଫ ଋତୁ ନିମନ୍ତେ ଜିଲାରୁ ମୋଟ ୧୩ ଲକ୍ଷ ୫୩ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ଲାଗି ଲକ୍ଷ୍ୟ ରଖାଯାଇଛି । ଏଥିଲାଗି ଜୟପୁର ସବ୍‌ଡିଭିଜନରେ ୬୫ ଓ କୋରାପୁଟ ସବଡିଭିଜନରେ ୨୬ଟି ମଣ୍ଡି ଏପରିକି ମୋଟ ୯୧ ଟି ମଣ୍ଡି କରାଯିବ । ସେଥିପାଇଁ ଜିଲାର ୨୦ଟି ଲ୍ୟାମ୍ପସ ଓ ୧୪ ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଧାନ ସଂଗ୍ରହ ନିମନ୍ତେ ଦାୟିତ୍ୱ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି । କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୋଟପାଡ ବିଧାୟିକା ତଥା ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକଙ୍କ ପ୍ରତିନିଧି ସୁରେଶ ପଟ୍ଟନାୟକ,ଏମ୍‌ପି ପ୍ରତିନିଧି ମନୋଜ ଆଚାର୍ଯ୍ୟ, କୋରାପୁଟ ଜିଲାପାଳ ଲଳିତ କୁମାର କହଁର, ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା, ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ, କୋରାପୁଟ ଆରଏମସି ସମ୍ପାଦକ ଆଲୋକ ରଞ୍ଜନ ଅନୁଗୁଳିଆ, ଜୟପୁର ଆରଏମସି ସମ୍ପାଦକ ରାଜେନ୍ଦ୍ର ଖରା ପ୍ରମୁଖ ଯୋଗଦେଇ ଖରିଫ ଋତୁରେ ଧାନ କିପରି ସଂଗ୍ରହ କରାଯିବ ସେ ନେଇ ଆଲୋଚନା କରିଥିଲେ ।

୨୦୧୯-୨୦ ଖରିଫ ବର୍ଷରେ ଜିଲାରେ ବର୍ତ୍ତମାନ ସୁଦ୍ଧା ୨୬ ହଜାର ୮୩୦ ଜଣ ଚାଷୀ ନିଜ ନାମ ରେଜିଷ୍ଟ୍ରେଶନ କରିଛନ୍ତି । ଚଳିତ ବର୍ଷ ସାଧାରଣ ଏଫଏକ୍ୟୁ ମାନର ଧାନ କୁଇଣ୍ଟାଲ ପ୍ରତି ୧୮୧୫ ଟଙ୍କା ଧାର୍ଯ୍ୟ ହୋଇଛି । ସେହିପରି ଏଫଏକ୍ୟୁ ଗ୍ରେଡ ଏ ମାନର ଧାନ କୁଇଣ୍ଟାଲ ପ୍ରତି ୧୮୩୫ ଟଙ୍କା ପ୍ରଦାନ ପାଇଁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଛି । ଆସନ୍ତା ୧୫ ତାରିଖ ମଧ୍ୟରେ ବ୍ଲକ ଯୋଗାଣ ଅଧିକାରୀ , ଲ୍ୟାମ୍ପସ ଅଧିକାରୀ, ମିଲର , ଆରଏମସି ଅଧିକାରୀ ଓ ବିଭାଗୀୟ ଅଧିକାରୀମାନଙ୍କୁ ସମସ୍ତ ତାଲିମ କାର୍ଯ୍ୟ ଶେଷ କରିବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଧାନ ସଂଗ୍ରହ କିପରି ସୁରୁଖୁରୁରେ ଶେଷ ହେବ ସେ ନେଇ ବିଭିନ୍ନ ମଣ୍ଡିରେ ଆବଶ୍ୟକ ପରିମାଣରେ ଟାରପୋଲିନ ମହଜୁଦ ରଖିବା, ମଣ୍ଡି ପରିସରରେ ଧାନ ବସ୍ତା ରଖିବା , ଚାଷୀମାନଙ୍କ ପାଇଁ ଅସ୍ଥାୟୀ ଶେଡ୍ ଓ ଆଲୋକର ବ୍ୟବସ୍ଥା କରିବା ପାଇଁ ଅତିରିକ୍ତ ଜିଲାପାଳ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତି ଚାଷୀଙ୍କଠାରୁ ୫୦ରୁ ୧୦୦ କୁଇଣ୍ଟାଲ ଯାଏ ଧାନ ସଂଗ୍ରହ କରାଯିବ । ବଡ ମଣ୍ଡିରେ ଦିନକୁ ୩ ହଜାର କୁଇଣ୍ଟାଲ ଓ ଛୋଟ ମଣ୍ଡିରେ ୧ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯିବ । ଡିସେମ୍ବରରେ ବଡ଼ମଣ୍ଡିରେ ପ୍ରତିଦିନ ୫ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଏହି ଅବସରରେ ଜୟପୁର ବିଧାୟକ ବାହିନୀପତି ୨୫ ବର୍ଷହେଲା ଚାଷୀମାନେ ଆର୍‌ଏମ୍‌ସିକୁ ପ୍ରଦାନ କରୁଥିବା ୨ ପ୍ରତିଶତ ରାଶି କେବଳ ଆର୍‌ଏମ୍‌ସିରେ ବ୍ୟାଙ୍କ ଖାତାରେ ଜମା ରହୁଛି । ବର୍ତ୍ତମାନ ଜୟପୁର ଆର୍‌ଏମ୍‌ସିରେ ୬୨ କୋଟି ଟଙ୍କା ଓ କୋରାପୁଟରେ ପ୍ରାୟ ୬୦ ଲକ୍ଷ ଟଙ୍କା ଜମା ରହିଛି । ଧାନ ସଂଗ୍ରହ ସ୍ଥାନରେ ସ୍ଥାୟୀ ମଣ୍ଡି ଗୃହ କରାଯାଇ ନ ଥିବା ଦୁଃଖର ବିଷୟ ବୋଲି କହିଥିଲେ । ଆରଏମସି ଓ ମିଲରସମାନଙ୍କ ମଧୁଚନ୍ଦ୍ରିକା ମଧ୍ୟରେ ସାଧାରଣ ଚାଷୀ ଏକପ୍ରକାର ଶୋଷିତ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ । ସେହିପରି କୋରାପୁଟ ଜିଲା କୃଷକ କଲ୍ୟାଣ ମଞ୍ଚ ସମ୍ପାଦକ ତଥା ଚାଷୀନେତା ନରେନ୍ଦ୍ର ପ୍ରଧାନ ବୈଠକରେ ଯୋଗଦେଇ ଚାଷୀ ରେଜିଷ୍ଟ୍ରେଶନ କେବଳ ନାମକୁମାତ୍ର । ଚାଷୀକୁ ଧାନର ମାନ ଏଫଏକ୍ୟୁ ନାମରେ ବସ୍ତା ପିଛା ୩ରୁ ୫ କେଜି ଧାନ ଅଧିକା ନେଉଛନ୍ତି । ଯାଦ୍ୱାରା ଛୋଟ ତଥା ଭାଗଚାଷୀମାନେ ଏକପ୍ରକାର ଶୋଷିତ ହେଉଛନ୍ତି ବୋଲି ପ୍ରକାଶ କରିଥିଲେ ।

## ଡିଏଲପିସିର ବୈଠକ

- ଜୟପୁର ସବଡିଭିଜନରେ ୬୫, କୋରାପୁଟ ସବଡିଭିଜନରେ ୨୬ ମଣ୍ଡି
- ଚାଷୀମାନଙ୍କ ପାଇଁ ଅସ୍ଥାୟୀ ଶେଡ୍ ନିର୍ମାଣ ନେଇ ନିର୍ଦ୍ଦେଶ
- ୧୩ ଲକ୍ଷ ୫୩ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ


ବୈଠକରେ ଯୋଗ ଦେଇଥିବା ଅଧିକାରୀମାନେ ।

## ବିଷ ପିଇ ଦାଦା, ଝିଅାରୀଙ୍କ ଆତ୍ମହତ୍ୟା

**କୋରାପୁଟ/ଲକ୍ଷ୍ମୀପୁର, ୩୦।୧୦(ସ୍ୱ.ପ୍ର/ଡ଼ି.ଏନ.ଏ)**

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଭିତରଗଡ ପଞ୍ଚାୟତ ଗୈଡମାଙ୍କଡପୁଟ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ବିଷ ପିଇ ଦାଦା ଓ ଝିଆରୀ ଆତ୍ମହତ୍ୟା କରିଛନ୍ତି । ବୁଧବାର ସକାଳେ ପୋଲିସ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ପୋଲିସ ଏକ ମାମଲା (ନଂ ୭/୧୯) ରୁଜୁ କରି ତଦନ୍ତ ଚଳାଇଛି ।

୧୫ ଦିନ ତଳେ ଉଭୟ ନାବାଳକ (୧୬) ଓ ନାବାଳିକା (୧୪) ଘରୁ ଫେରାର ହୋଇଯାଇଥିଲେ । ସେମାନଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ପାଇ ନ ଥିଲେ । ବୁଧବାର ସକାଳେ ଗ୍ରାମ ନିକଟ ଏକ ଆମ୍ବଗଛ ତଳେ ଉଭୟଙ୍କ ମୃତ ଦେହ ପଡିଥିବା ସ୍ଥାନୀୟ ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ । କାକିରିଗୁମ୍ମା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଲକ୍ଷ୍ମୀପୁର ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ ।

# ୧୬ ବର୍ଷ ପରେ ପରିବାରକୁ ଫେରିଲେ ବୃଦ୍ଧା

**ଜୟପୁର, ୩୦। ୧୦ (ଡି.ଏନ.ଏ)**

ହସଖୁସିରେ ଚାଲିଥିଲା ପରିବାର । ହଠାତ୍ ସ୍ୱାମୀଙ୍କ ମୃତ୍ୟୁ ପରେ ଗ୍ରାମବାସୀ ଛଡ଼ାଇ ନେଲେ ଜମି । ପରିବାର ଉପରେ ଅତ୍ୟାଚାର କଲେ । ମାଡ଼ ମାରିଲେ । ମାମଲା ଗଲା ଥାନାକୁ । ହେଲେ କିଛି ସୁଫଳ ମିଳିଲା ନାହିଁ । ମାନସିକ ଭାରସାମ୍ୟ ହରାଇଲେ ମହିଳା ଜଣକ । ଗାଁ ଓ ପରିବାର ଛାଡ଼ିଲେ । ଦୀର୍ଘ ୧୬ ବର୍ଷ ପରେ ପୁଣି ଫେରିଛନ୍ତି ନିଜ ଜନ୍ମମାଟିକୁ । ଫେରି ପାଇଛନ୍ତି ହରାଇଥିବା ପରିବାର ଲୋକଙ୍କୁ । ମହିଳା ଜଣକ ହେଲେ ଫାତିମା ଖାତୁନ(୭୫) । ବିହାର ରାଜ୍ୟ ମଧୁବନି ଜିଲା ଜୟନଗର ଥାନା ସିନିପାର ଗ୍ରାମର ଫାତିମା । ୧୬ ବର୍ଷ ପୂର୍ବେ ସ୍ୱାମୀଙ୍କ ମୃତ୍ୟୁ ପରେ ଗ୍ରାମର ଧନୀ ଶ୍ରେଣୀର ଲୋକମାନେ ତାଙ୍କର ୩ ଏକର ଜମି ଛଡାଇ ନେଲେ । ମହିଳାଙ୍କୁ ମାଡ ମାରିବାରୁ ମାନସିକ ଭାରସାମ୍ୟ ହରାଇ ଚାଲି ଆସିଥିଲେ ଭୁବନେଶ୍ୱର । ତାଙ୍କୁ ଉଦ୍ଧାର କରାଯାଇ ଭୁବନେଶ୍ୱରର ଏକ ଷ୍ଟେ ହୋମରେ ରଖାଯାଇଥିଲା । ସେଠାରେ ଦୀର୍ଘ ୬ ବର୍ଷ ଧରି ଚିକିତ୍ସା କରାଯାଇଥିଲା । ପରେ କୋରାପୁଟସ୍ଥିତ ଷ୍ଟେହୋମ ଦୀପ୍ତି ନିବାସରେ ୧୦ ବର୍ଷ ଧରି ତାଙ୍କର ଚିକିତ୍ସା କରାଯାଇଥିଲା । ଏବେ ସେ ମାନସିକ ସ୍ତରରେ ସୁସ୍ଥ ହୋଇଛନ୍ତି । ଏହିପରି ଗତ ୧୦ ତାରିଖରେ ବିଶ୍ୱ ମାନସିକ ଦିବସ ଅବସରରେ କୋରାପୁଟ ଜିଲା ଆଇନସେବା ପ୍ରାଧିକରଣର ଏକ କାର୍ଯ୍ୟକ୍ରମ ଚାଲିଥିଲା । ପ୍ରାଧିକରଣ ସମ୍ପାଦିକା ଲଳିତା ମଞ୍ଜରୀ ପଟ୍ଟନାୟକ ଫାତିମାଙ୍କ ସହିତ ଆଲୋଚନା ବେଳେ ସେ ତାଙ୍କ ଗାଁର ନାଁ କହିପାରି ନ ଥିଲେ ମଧ୍ୟ ବିହାରର ମଧୁବନି ଜିଲା ବୋଲି କହିଥିଲେ । ଏହାପରେ ଜିଲା ପ୍ରାଧିକରଣ ପକ୍ଷରୁ ମଧୁବନି ଜିଲାର ପ୍ରାଧିକରଣ ସମ୍ପାଦକଙ୍କ ସହିତ ଯୋଗାଯୋଗ କରାଯାଇଥିଲା । ତାଙ୍କର ଗାଁ ଠିକଣା ମିଳିବା ପରେ ଜୟନଗର ଥାନାର ଅଧିକାରୀଙ୍କ ପକ୍ଷରୁ ତାଙ୍କ ପରିବାର ଲୋକ ଓ ଫାତିମାଙ୍କର ଭିଡ଼ିଓ କନଫରେନ୍ସ କରାଯାଇଥିଲା । ଉଭୟ ଉଭୟଙ୍କୁ ଚିହ୍ନିଥିଲେ । ପରେ ଫାତିମାଙ୍କ ସାନପୁଅ ମହମ୍ମଦ ଦୁଃଖି ଏବଂ ମଉସା ମହମ୍ମଦ ହାଲିଲ ନଦିଫ ଜୟପୁରଠାରେ ଗତ ସୋମବାର ପହଞ୍ଚିଥିଲେ । ୧୬ ବର୍ଷ ପରେ ପୁଅକୁ ପାଇ ଫାତିମା କାନ୍ଦି ପକାଥିଲେ । ବୁଧବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଫାତିମାଙ୍କୁ ତାଙ୍କ ଗାଁକୁ ଛାଡ଼ିବା ଲାଗି ପରିବାର ସଦସ୍ୟଙ୍କ ସହିତ ପ୍ରାଧିକରଣ ପାରା ଲିଗାଲ କର୍ମୀ ସୋମନାଥ ମହାନ୍ତି, ଜିଲା ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ ଗୁରୁନାଥ ସାହୁ ଏବଂ ମହିଳା ପୋଲିସ କର୍ମଚାରୀ କାରିମିଳା ବାର୍ଲା ଯାଇଛନ୍ତି ।


ଫାତିମା ଖାତୁନଙ୍କ ସହ ତାଙ୍କ ପରିବାର ସଦସ୍ୟ ଓ ଅନ୍ୟମାନେ ।

## ଝାଡ଼ାବାନ୍ତିରେ ମହିଳାଙ୍କ ମୃତ୍ୟୁ
# ଅନାଥ ହେଲେ ୩ ଶିଶୁ

**ଦଶମନ୍ତପୁର, ୩୦।୧୦ (ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦରରେ ବଦଲିକୁଡୁମା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ୩ ଶିଶୁ ବାପାମାଆ ଛେଉଣ୍ଡ ହୋଇଯାଇଛନ୍ତି । ଜଣାଯାଇଛି ଯେ, ବଦଲିକୁଡୁମା ଗ୍ରାମରେ ଭାସ୍କର ନାୟକ ଓ ତାଙ୍କ ସ୍ତ୍ରୀ ଦେବତୀ ଓ ୩ ପୁଅଝିଅ ରହୁଥିଲେ । ୨ ବର୍ଷ ତଳେ ଭାସ୍କରଙ୍କ ମୃତ୍ୟୁ ହୋଇଥିଲା । ଦେବକୀ କୁଲି କାମ କରି ବହୁ କଷ୍ଟରେ ୩ ପିଲାଙ୍କ ଲାଳନ ପାଳନ କରୁଥିଲେ । ହେଲେ ମଙ୍ଗଳବାର ରାତିରେ ହଠାତ୍ ଦେବକୀଙ୍କ ଝାଡ଼ାବାନ୍ତି ହୋଇଥିଲା । ସଙ୍ଗେ ସଙ୍ଗେ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । ଆମ୍ବୁଲାନ୍ସ ଆସି ପହଞ୍ଚିବା ପରେ ତାଙ୍କ ପାଟିରୁ ଫେଣ ବାହାରିବା ସହ ମୃତ୍ୟୁ ହୋଇଥିବା ଗ୍ରାମର ଭକ୍ତ ଗୌଡ଼,ଟୁଟୁ ଗୌଡ଼, କୃପା ରାୟ ପ୍ରକାଶ କରିଛନ୍ତି । ଫଳରେ ଉକ୍ତ ୩ ପିଲା ଅନାଥ ହୋଇଯାଇଛନ୍ତି । ତାଙ୍କର ସର୍ପାଘାତରେ ମୃତ୍ୟୁ ଘଟିଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି । ଗାଁ ଲୋକେ ଟଙ୍କା ଆଦାୟ କରି ଶବ ସତ୍କାର କରିଛନ୍ତି । ଉକ୍ତ ୩ ଶିଶୁ କିପରି ରହିବେ, କେମିତି ବଞ୍ଚିବେ ସେ ନେଇ ବୁଦ୍ଧିଜୀବୀଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରଶାସନ ପକ୍ଷରୁ ସେମାନଙ୍କ ଥଇଥାନ ପାଇଁ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ଶିଶୁ ସୁରକ୍ଷା ବିଭାଗ ଅଧିକାରୀ ରାଜଶ୍ରୀ ଦାସଙ୍କୁ ପଚାରିବାରୁ,ମୁଁ ଘଟଣାସ୍ଥଳକୁ ଯାଇ ୩ ଶିଶୁଙ୍କ ଥଇଥାନ ପାଇଁ ବନ୍ଦୋବସ୍ତ କରିବି ବୋଲି କହିଛନ୍ତି ।

# କେଜିଏ ପ୍ଲାଷ୍ଟିକ ବଦଳରେ ଆହାର
## କୋଟପାଡ଼ ଏନ୍ଏସିରେ ହେଲା ଯୋଜନାର ଶୁଭାରମ୍ଭ

**କୋରାପୁଟ,୩୦।୧୦(ସ୍ୱ.ପ୍ର.)**

କୋରାପୁଟ ଜିଲାର କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦରେ ସୋମବାର ୧ କିଲୋ ପ୍ଲାଷ୍ଟିକ ବଦଳରେ ଆହାର ଖାଦ୍ୟ ଦିଆଯିବା ଯୋଜନାର ଶୁଭାରମ୍ଭ ହୋଇଛି । କୋଟପାଡ଼ ଏନ୍‌ଏସିର ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି । ଏନ୍‌ଏସିକୁ ପ୍ଲାଷ୍ଟିକମୁକ୍ତ କରିବା ଉଦ୍ଦେଶ୍ୟରେ ଏପରି ଯୋଜନା ଆରମ୍ଭ କରାଯାଇଛି । ଏହି ଯୋଜନାର ପ୍ରଥମ ଦିନରେ ପ୍ଲାଷ୍ଟିକ ବଦଳରେ ୧୦ ଜଣଙ୍କୁ ଆହାର ଖାଦ୍ୟ ପ୍ରଦାନ କରାଯାଇଥିଲା । ଏହି ଯୋଜନାରେ ସହଯୋଗ କରିବା ପାଇଁ ସ୍ଥାନୀୟ ଠିକାଦାରମାନେ ଆଗେଇ ଆସିଥିବାବେଳେ ୬ ମାସ ମଧ୍ୟରେ କୋଟପାଡ଼ ଏନ୍‌ଏସି ଅଞ୍ଚଳରେ ଆଉ ପ୍ଲାଷ୍ଟିକ, ପଲିଥିନ ବର୍ଜ୍ୟବସ୍ତୁ ଦେଖିବାକୁ ମିଳିବ ନାହିଁ ବୋଲି ନିର୍ବାହୀ ଅଧିକାରୀ 'ଧରିତ୍ରୀ'ଙ୍କୁ ଜଣାଇଛନ୍ତି । ଏପରି କାର୍ଯ୍ୟକ୍ରମକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ସ୍ୱାଗତ କରିଛନ୍ତି ।

# ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍


ଅଗ୍ନିଶମ କର୍ମଚାରୀମାନେ କୌଶଳ ପ୍ରଦର୍ଶନ କରୁଛନ୍ତି ।

**ବୈପାରୀଗୁଡା, ୩୦।୧୦ (ଡି.ଏନ୍.ଏ.)**

ବୁଧବାର ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ଗାନ୍ଧିପୁରସ୍ଥିତ ଅକ୍ସଫୋର୍ଡ ସ୍କୁଲଠାରେ ମକ୍‌ଡ୍ରିଲ୍ କରାଯାଇଛି । ଦୁର୍ଘଟଣା ସମୟରେ କିପରି ଧନଜୀବନ ବଞ୍ଚାଇବେ ସେନେଇ ଅଗ୍ନିଶମ କର୍ମଚାରୀମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ । ସେହିପରି ବନ୍ୟା, ବାତ୍ୟା, ଭୂସ୍ଖଳନ ବେଳେ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଅବଗତ କରାଯାଇଥିଲା । ଅଗ୍ନିଶମ କେନ୍ଦ୍ର ଅଧିକାରୀ ଶିଶିରକାନ୍ତ ସିଂଙ୍କ ନେତୃତ୍ୱରେ ଏହି ମକ୍‌ଡ୍ରିଲ୍ କରାଯାଇଥିଲା । ସମ୍ପୃକ୍ତ ବିଦ୍ୟାଳୟର ଅଧକ୍ଷା କଲ୍ୟାଣୀ ବାଘଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।

# ଚାଷୀ ପଞ୍ଜୀକରଣରେ ଜାଲିଆତି, ଜିଲାପାଳଙ୍କୁ ଅଭିଯୋଗପତ୍ର

**କୋରାପୁଟ,୩୦।୧୦(ସ୍ୱ.ପ୍ର)**

କୋରାପୁଟ ଜିଲା ଜୟପୁର ଆରଏମସି ଅନ୍ତର୍ଗତ ଫାମ୍ପୁଣୀ ମଣ୍ଡିରେ ଚାଷୀଙ୍କ ନାମ ପଞ୍ଜୀକରଣରେ ବ୍ୟାପକ ଜାଲିଆତି ହୋଇଛି । ଏନେଇ ବୁଧବାର ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଜିଲାପାଳଙ୍କୁ ଭେଟି ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ଫାମ୍ପୁଣୀ ମଣ୍ଡିରେ ୨୦୧୯-୨୦ ଖରିଫ ଋତୁ ଧାନ ବିକ୍ରୟ ନିମନ୍ତେ କେତେକ ଅସାଧୁ ବ୍ୟକ୍ତି ବାହାର ଗ୍ରାମ ପଞ୍ଚାୟତ ଜମି ମାଲିକାନା ନ ଥାଇ ପଞ୍ଜୀକୃତ କରିଛନ୍ତି । ଏହା ଦ୍ୱାରା ଅସଲ ଚାଷୀ ଧାନ ବିକ୍ରୟ କରିବା ପାଇଁ ଅସୁବିଧା ଭୋଗିବେ । ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ନକଲି ଚାଷୀଙ୍କୁ ଚିହ୍ନଟ କରି ତାଲିକାରୁ ବାଦ ଦେବାକୁ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ତେଣୁ ପ୍ରତି ମଣ୍ଡିରେ ୫ ହଜାର କୁଇଣ୍ଟାଲ ଧାନ ବିକ୍ରୟ କରିବା ପାଇଁ ଚାଷୀଙ୍କୁ ସୁଯୋଗ ଦେବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ଏହି ଅଭିଯୋଗପତ୍ର ପ୍ରଦାନ ବେଳେ ବୃନ୍ଦାବନ ପ୍ରଧାନ, ସୁରେନ୍ଦ୍ର ମଣ୍ଡଳ, ବସନ୍ତ ବେହେରା, ପ୍ରଭାକର ବେହେରା, ବାଲା ରାଉତ, ରମେଶ ପ୍ରଧାନ, ସିମାଞ୍ଚଳ ରାଉତ, ଗୌରାଙ୍ଗ ଚୈଧୁରୀଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।

## ଚାକିରିରୁ ବିଦା ପରେ
# ପୁନଃ ନିଯୁକ୍ତି ଦାବି କଲେ କିନ୍ନର

**ଜୟପୁର , ୩୦। ୧୦ (ଡି.ଏନ.ଏ)**

ଜୟପୁର ଚିକିତ୍ସାଳୟରେ ସୁରକ୍ଷା କର୍ମୀ ଭାବେ କାମ କରୁଥିବା ୧୫ ଜଣ କିନ୍ନରଙ୍କୁ ପୁନଃ ନିଯୁକ୍ତି ନେଇ ଦାବି ହୋଇଛି । ଏନେଇ ସେମାନେ ଜିଲାପାଳ, ଜିଲା ଶ୍ରମ ଅଧିକାରୀ ଓ ଉପଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି । ତୁରନ୍ତ ନିଯୁକ୍ତି କରିବାକୁ ନିବେଦନ କରିଛନ୍ତି । କିନ୍ନରମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ସହିତ ସ୍ୱାବଲମ୍ବି କରିବା ଉଦ୍ଦେଶ୍ୟରେ ୨୦୧୭ରେ କୋରାପୁଟ ଜିଲା ଜୟପୁର ସହରରେ ୧୯ କିନ୍ନରଙ୍କୁ ପ୍ରଶାସନ ପକ୍ଷରୁ ତାଲିମ ଦିଆଯାଇଥିଲା । ପରେ ୧୯ କିନ୍ନରଙ୍କୁ ସ୍ଥାନୀୟ ଚିକିତ୍ସାଳୟଠାରେ ସୁରକ୍ଷା କର୍ମୀ ଭାବେ ନିଯୁକ୍ତିଦିଆଯାଇଥିଲା । ହେଲେ ସେମାନଙ୍କ ମଧ୍ୟରୁ ୧୫ ଜଣ କାର୍ଯ୍ୟରେ ଯୋଗ ଦେଇଥିଲେ । କିନ୍ତୁ ଗତ ୧୦ ତାରିଖରୁ ନୋଟିସ ଜାରୀ କରାଯାଇ ସେମାନଙ୍କୁ କାର୍ଯ୍ୟରୁ ବାହାର କରି ଦିଆଯାଇଛି । ଏ ନେଇ ସେମାନେ ଜିଲାପାଳ, ଜିଲା ଶ୍ରମ ଅଧିକାରୀ ଏବଂ ଉପଜିଲାପାଳଙ୍କ ନିକଟରେ ସେମାନଙ୍କୁ ପୁନଃ ନିଯୁକ୍ତି ଦେବା ନେଇ କିନ୍ନର ରାଜେଶ୍ୱରୀ ନାୟକ, ରୂପା ସାମନ୍ତରାୟ, ସୀଲା, ପ୍ରିତି, ମହେଶ୍ୱରୀ, ବଳରାମ ନାୟକ, ଜେ.ଭେଙ୍କରାଓ, ଶାହାନ ହରିଜନ, ଦିବାକର ସେଠୀ, କୋଟି ମହାରଣା ପ୍ରମୁଖ ଦାବି କରିଛନ୍ତି । ସେମାନେ ମାସିକ ୮୬୦୦ ଟଙ୍କା ଦରମା ପାଉଥିଲେ । ସେଥିମଧ୍ୟରୁ ଇପିଏଫ ଏବଂ ଅନ୍ୟାନ୍ୟ ବାବଦକୁ କଟାଯାଇ ମାସିକ ୭୧୦୦ ଟଙ୍କା ପାଉଥିଲେ । ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରୁ କେବଳ ୩ଜଣଙ୍କର ଇପିଏଫ ବାବଦକୁ ଟଙ୍କା କଟାହେଉଥିବା ନେଇ ଚିକିତ୍ସାଳୟର ସହକାରୀ ମ୍ୟାନେଜରଙ୍କଠାରୁ ସୂଚନା ପାଇଥିଲେ । ତେଣୁ ସେମାନଙ୍କ ଇପିଏଫ ବାବଦକୁ ଟଙ୍କାଗୁଡିକ ଫେରସ୍ତ କରିବା ନେଇ ଗତ ୨୨ ତାରିଖରେ ଶ୍ରମ ଅଧିକାରୀଙ୍କ ଠାରେ ଅଭିଯୋଗ କରିଛନ୍ତି ।


ଅଭିଯୋଗ କରୁଥିବା କିନ୍ନରମାନେ ।

## ରାମଗଡ଼ରେ ବିଡ଼ିଓ
# ଘାଟି ଚଢ଼ିଲେ, ସମସ୍ୟା ବୁଝିଲେ

**ଜୟପୁର , ୩୦। ୧୦ (ଡି.ଏନ.ଏ)**

କୋରାପୁଟ ଜିଲା ଜୟପୁର ବ୍ଲକର ରଣ୍ଡାପାଲୀ ପଞ୍ଚାୟତର ଦୁର୍ଗମ ଘାଟିରାସ୍ତା ଦେଇ ରାମଗଡଠାରେ ପହଞ୍ଚିଲେ ବିଡିଓ ସୂରଜ ପଟ୍ଟନାୟକ । ଲୋକଙ୍କ ବିଭିନ୍ନ ସମସ୍ୟା ବୁଝିବା ସହିତ ସେଠାରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ନେଇ ତଦାରଖ କରିଥିଲେ । ଏଥିସହିତ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ । ବିଡ଼ିଓ ଛେତ୍ରିପୁଟ ରେଳଷ୍ଟେଶନ ନିକଟରେ ୪ ଚକିଆ ଗାଡ଼ିରେ ପହଞ୍ଚିଥିଲେ । ସେଠାରୁ ଅନ୍ୟ କର୍ମଚାରୀଙ୍କ ସହିତ ଚାଲି ଚାଲି ୨ କିଲୋମିଟର ଦୁର୍ଗମ ପାହାଡ ଘାଟି ରାସ୍ତା ପାର ହୋଇ ରାମଗଡଠାରେ ପହଞ୍ଚିଥିଲେ । ଗ୍ରାମବାସୀ ଅଭିଯୋଗ କରିଥିଲେ ଯେ, ଗ୍ରାମରେ ୬୦ ପରିବାରର ୨୦୦ ଲୋକ ବସବାସ କରୁଛନ୍ତି । ଗ୍ରାମକୁ କେବଳ ପାହାଡ଼ିଆ ଘାଟି ରାସ୍ତା ରହିଛି । ତେଣୁ ଗାଁରେ ସିମେଣ୍ଟ ଗୃହ ନିର୍ମାଣ କରାଯାଉ ପାରୁନାହିଁ । ବାଲି, ସିମେଣ୍ଟ , ଇଟା, ଚିପ୍ସ, ଲୁହାଛଡ ପ୍ରଭୃତି ନିର୍ମାଣ ସାମଗ୍ରୀ ପରିବହନ ନେଇ ସମସ୍ୟା ଉପୁଜୁଛି । ଗାଁରେ ଗୋଟିଏ କୂଅ ରହିଛି । ହେଲେ କୂଅର ପାଣି ଆବଶ୍ୟକତା ମେଣ୍ଟାଇ ପାରୁ ନ ଥିବାରୁ ଗ୍ରାମବାସୀ ଝରଣା ପାଣି ଉପରେ ନିର୍ଭର କରୁଛନ୍ତି । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆମେ ଏତେ ସମସ୍ୟାରେ ରହୁଥିଲେ ମଧ୍ୟ କେହି ଆମ ଦୁଃଖ ବୁଝୁ ନାହାନ୍ତି । ସେହିପରି ଗାଁରେ ଏକ ଟିଣରେ ନିର୍ମିତ ଅଙ୍ଗନୱାଡି କେନ୍ଦ୍ର ରହିଛି । ଗ୍ରାମରେ ସୋଲାର ଲାଇଟର ବ୍ୟବସ୍ଥା କରାଯାଇଥିବା ଗ୍ରାମବାସୀ କହିଥିଲେ । ବିଡିଓଙ୍କ ସହିତ ପିଇଓ ଭାଗୀରଥି ନାୟକ ଏବଂ ଅନ୍ୟ କର୍ମଚାରୀ ଯାଇଥିଲେ ।


ବିଡ଼ିଓ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

ଝରିଗାଁ,୩୦।୧୦(ସ୍ୱ.ପ୍ର)- ନବରଙ୍ଗପୁର ଜିଲା ଝରିଗାଁ ଥାନା ଅନ୍ତର୍ଗତ କୁହୁରାକୋଟ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କ ବୁଧବାର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଅନାଦି ନାୟକ। କୁହୁରାକୋଟ ଗ୍ରାମର ଡାଲବନ୍ଧୁ ନାୟକଙ୍କ ସ୍ତ୍ରୀ ଅନାଦି ମଙ୍ଗଳବାର ସନ୍ଧ୍ୟାରେ ଗାଧୋଇ ଘର ପଛ ପଟେ ରହିଥିବା ଆଲମୁନିୟମ୍ ତାରରେ ଓଦା ଲୁଗା ଶୁଖାଇଥିଲେ। ସେହି ତାରରେ କୌଣସି ପ୍ରକାରରେ ବିଦ୍ୟୁତ୍ ସଂଯୋଗ ହୋଇଯାଇଥିଲା। ଫଳରେ ଅନାଦି ସେଠାରେ ଲାଗି ରହିଯାଇଥିଲେ। ଏହାର କିଛି ସମୟ ପରେ ସେ ତଳେ ପଡିଯାଇଥିଲେ। ପରିବାର ଲୋକ ଅନାଦିଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅନାଦିଙ୍କ ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ଘଟଣା ସ୍ଥଳେ ଏଏସ୍ଆଇ ଏ.କେ.ପାଳ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଆମ ପୋଲିସ କାର୍ଯ୍ୟକ୍ରମ



ଚନ୍ଦାହାଣ୍ଡି, ୩୦।୧୦(ଡି.ଏନ.ଏ.)- ଚନ୍ଦାହାଣ୍ଡି ଥାନା ଅଧୀନସ୍ଥ ସାପ୍ତାହିକ ହାଟପଦାଠାରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚନ୍ଦାହାଣ୍ଡି ଥାନା ଏସଆଇ ତରଣୀସେନ ନାୟକ ଓ ସୁବାସ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚନ୍ଦାହାଣ୍ଡି ସରପଞ୍ଚ ଲଛମନ ମାଝି ଯୋଗ ଦେଇଥିଲେ। ଚନ୍ଦାହାଣ୍ଡି ଥାନା ଅଞ୍ଚଳରେ ଘଟୁଥିବା ଛୋଟବଡ ଅପରାଧ ସମ୍ପର୍କରେ ପୋଲିସକୁ ଅବଗତ କରାଇବା ସହ ତଦନ୍ତ ସମୟରେ ସହଯୋଗ କରିବା, ଗ୍ରାମାଞ୍ଚଳରେ ବ୍ୟବସାୟ ନାମରେ ଆସୁଥିବା ଯାଯାବରମାନେ ବିଭିନ୍ନ ସମୟରେ ଅପରାଧ ଘଟାଉଛନ୍ତି ସେମାନଙ୍କ ଉପରେ ସତର୍କ ରହିବା, ଅନୁସୂଚିତ ଜାତି ଓ ଜନଜାତି, ମହିଳାମାନଙ୍କ ଉପରେ ହେଉଥିବା ନିର୍ଯାତନା, ଅନ୍ଧବିଶ୍ୱାସ, ଗୁଣିଗାରେଡି, ସନ୍ଦିଗ୍ଧ ବ୍ୟକ୍ତିସମ୍ପର୍କରେ ପୋଲିସକୁ ଖବର ଦେବା, ଗାଡି ଚଳାଇବା ସମୟରେ ହେଲମେଟ ପିନ୍ଧିବା, ବେଆଇନ ମଦ ବିକ୍ରି ବନ୍ଦ କରିବା, ଯାନବାହାନ ବ୍ୟବହାର କରୁଥିବା ବ୍ୟକ୍ତିମାନେ ନିଜ ଗାଡିର କାଗଜପତ୍ର ଠିକ ରଖିବା ଓ ରାସ୍ତାର ନିୟମ ମାନି ଗାଡି ଚଳାଇବା ପାଇଁ ପୋଲିସ ତରଫରୁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ନାବାଳିକା ନିର୍ଯାତନା, ସାଇବର କ୍ରାଇମ ତଥା ବରିଷ୍ଠ ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ ସର୍ବଦା ଚେଷ୍ଟିତ ବୋଲି ପୋଲିସ ଅଧିକାରୀମାନେ କହିଥିଲେ ।

## ■ ଗଣଶିକ୍ଷା ମନ୍ତ୍ରୀଙ୍କ ନବରଙ୍ଗପୁର ଗସ୍ତ

# ପିଲାଙ୍କ ପାଠପଢ଼ା ପାଇଁ ସମସ୍ତେ ଯତ୍ନବାନ ହେବା ଜରୁରୀ

ନବରଙ୍ଗପୁର,୩୦।୧୦(ବି.ପ୍ର.)-



ବୈଠକରେ ଜିଲାପାଳ, ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

■ ଶୀଘ୍ର ସ୍କୁଲରେ ଲାଗିବ ବାୟୋମେଟ୍ରିକ ମେଶିନ

■ ଶିକ୍ଷକ, ଭିତ୍ତିଭୂମି ଅଭାବ ସମ୍ପର୍କରେ ମନ୍ତ୍ରୀଙ୍କୁ ଜଣାଇଲେ

ରାଜ୍ୟ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ନବରଙ୍ଗପୁର ଗସ୍ତରେ ଆସି ମିଶନ ଶକ୍ତି ସମ୍ମିଳନୀ କକ୍ଷ ଠାରେ ଜିଲାସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀରେ ଯୋଗ ଦେଇଥିଲେ । ଏଥର ନୂତନ ଶିକ୍ଷାନୀତି କରାଯାଉ ଥିବାବେଳେ ପ୍ରାଥମିକସ୍ତରରେ ପରିବର୍ତ୍ତନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି ପିଲାମାନଙ୍କର ଇଂଲିଶ ଶିକ୍ଷା ପ୍ରତି ଆଗ୍ରହ ବଢୁଥିବାରୁ ଏଣିକି ପ୍ରଥମ ଶ୍ରେଣୀରୁ ଇଂଲିଶ ଶିକ୍ଷାଦାନପାଇଁ ପଦକ୍ଷେପ ନିଆଯାଉଛି ସମଗ୍ର ଦେଶରେ ଓଡିଶାର ଶିକ୍ଷା ୧୩ ନମ୍ବରରୁ ୭ କୁ ପହଞ୍ଚି ଥିବାବେଳେ ଏହା କିପରି ୩ ନମ୍ବରର ପହଞ୍ଚିବ ସେଥିପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ସମସ୍ତେ ମିଳିମିଶି ପିଲାମାନଙ୍କ ପାଠପଢାର ଦାୟିତ୍ୱ ନେଇ ଯତ୍ନବାନ ହେବାକୁ କହିଥିଲେ। ଆଗାମୀଦିନରେ ଖୁବଶୀଘ୍ର ପ୍ରତି ସ୍କୁଲରେ ବାୟୋମେଟ୍ରିକ ମେସିନ କରାଯାଇ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାପନ ନିଆଯିବ। ଏଥିପାଇଁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମାନସିକ ଭାବେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ । ସ୍କୁଲର ଆନୁସଙ୍ଗିକ ସମସ୍ୟାର ସମାଧାନ କରାଯିବ। ଆବଶ୍ୟକ ଶିକ୍ଷକ ନିଯୁକ୍ତି କରାଯିବ । ରୋଷେଇଘର ପାଇଁ ବ୍ଲକରେ ଟଙ୍କା ଦିଆଯାଇଛି । ଏଥିପ୍ରତି ପଦକ୍ଷେପ ନେବାକୁ ଜିଲାପାଳଙ୍କୁ କହିଥିଲେ। ସ୍କୁଲର ବିକାଶ ପାଇଁ ପ୍ରତି ପଞ୍ଚାୟତରେ ୫୦ଲକ୍ଷଟଙ୍କା ଲେଖାଏଁ ଦିଆଯାଇଛି। ତାହା ଖର୍ଚ୍ଚ କରାଯାଇନଥିବା ମନ୍ତ୍ରୀ କହିଥିଲେ। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ କହିଥିଲେ । ଜିଲାପାଳ ଅଜିତ କୁମାର ମିଶ୍ର ସ୍କୁଲ ଗୁଡିକରେ ଛାତ୍ରଛାତ୍ରୀ ଉପସ୍ଥାପନ କମ ରହୁଥିବା କହିବା ସହ ଏଥିପ୍ରତି କ୍ଷୋଭ ପ୍ରକାଶ କରିଥିଲେ। ଏମପି ରମେଶଚନ୍ଦ୍ର ମାଝୀ ଜିଲାରେ ରହିଥିବା ସମସ୍ତ ଶିକ୍ଷକ ପଦବୀ ପୂରଣ କରିବା, ଅପଗ୍ରେଡ ହାଇସ୍କୁଲରେ ଘର ନିର୍ମାଣକରିବା, ବିଇଡି କଲେଜକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଉଚ୍ଚ ମାଧ୍ୟମିକ ସ୍କୁଲର ଭିତ୍ତିଭୂମିର ବିକାଶ କରିବା, ଭାଷାଭିତ୍ତିକ ଶିକ୍ଷକ ନିଯୁକ୍ତି କରିବାପାଇଁ କହିଥିଲେ। ଏହା ସହ ଜିଲା ଭିତ୍ତିରେ ନିଯୁକ୍ତି ପାଇଁ ପଦକ୍ଷେପ ନେବା ଉପରେ ମତ ଦେଇଥିଲେ। ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ବହି ପଢିପାରୁନଥିବା, ଇଂଲିଶ ଜାଣୁନଥିବା, ମିଶାଣ ଫେଡାଣ ଜାଣିନଥିବା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ କହିଥିଲେ । ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ବିଦ୍ୟାଳୟଗୁଡିକରେ ଭିତ୍ତିଭୂମିର ଅଭାବ ରହିଥିବା ସମ୍ପର୍କରେ କହିଥିଲେ। ଜିଲାସ୍ତରରେ ଶିକ୍ଷକ ନିଯୁକ୍ତି ଦେବାକୁ ଦାବି କରିଥିଲେ । ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ରମାଝୀ ସ୍କୁଲ ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ଉନ୍ନୟନ ଟଙ୍କା ଖର୍ଚ୍ଚ କରିବାକୁ ମତ ଦେଇଥିଲେ। ଶିକ୍ଷକ ଗୋରାଚାନ୍ଦ ତ୍ରିପାଠୀ ଓ ଅନ୍ୟାନ୍ୟ ଶିକ୍ଷକମାନେ ବିଦ୍ୟାଳୟର ସମସ୍ୟା ଓ ଭିତ୍ତିଭୂମିର ବିକାଶ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଆରସିଡି ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସୁପ୍ରିୟା ନାୟକ ଜିଲା ସଦର ମହକୁମାର ଏହି ନୋଡାଲ ଉଚ୍ଚବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ଓ କର୍ମଚାରୀ ନଥିବା ଓ ଭିତ୍ତିଭୂମିର ବିକାଶ ସମ୍ପର୍କରେ କହିଥିଲେ । ମନ୍ତ୍ରୀ ଦାଶ ଆରସିଡି ହାଇସ୍କୁଲ ଭିତ୍ତିଭୂମିର ବିକାଶ ଓ ଦୁଇଟି କୋଠା ନିର୍ମାଣ ପାଇଁ ୨୫ ଲକ୍ଷଟଙ୍କା ଅନୁଦାନ ଦେବାକୁ ଘୋଷଣା କରିଥିଲେ । ଜିଲା ଶିକ୍ଷା କାର୍ଯ୍ୟାଳୟରେ ୬ଟି ପଦବୀ ଖାଲିରହିଥିବାବେଳେ ୨ଜଣ ବ୍ଲକ ଶିକ୍ଷା ଅଧିକାରୀ ନାହାନ୍ତି। ୧୦ଜଣ ମୁଖ୍ୟକିରାଣୀ ପଦବୀ ଖାଲି ପଡିଛି । ଜିଲାରେ ମୋଟ ୬୩୨୪ ଜଣ ଶିକ୍ଷକ ରହିଛି । ୯୪୭ ଟି ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଉଛି। ହାଇସ୍କୁଲ ସ୍ତରରେ ୫୪୮ଟି ଶିକ୍ଷକଙ୍କ ମଧ୍ୟରୁ ୨୮୨ ଟି ପଦ ଖାଲି ରହିଛି । ସମଗ୍ର ଶିକ୍ଷା ଅଭିଯାନରେ ଜିଲା ପ୍ରକଳ୍ପ ସଂଯୋଜକ ନାହାନ୍ତି ବୋଲି ସୂଚନା ଦିଆଯାଇଥିଲା । ବୈଠକରେ ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ପାଣିଗ୍ରାହୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ନାହକଙ୍କର ସମେତ ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ଓ ସମସ୍ତ ବ୍ଲକ ଶିକ୍ଷାଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ସମସ୍ତପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀମାନେ ଯୋଗ ଦେଇଥିଲେ।

# ବସ୍ ଚକା ବାହାରିଗଲା

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଡାବୁଗାଁ/ପାପଡାହାଣ୍ଡି, ୩୦।୧୦ (ଡି.ଏନ.ଏ.)



ଦୁର୍ଘଟଣାଗ୍ରସ୍ତ ବସ୍।

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ମହେନ୍ଦ୍ରୀ ଛକ ନିକଟରେ ବୁଧବାର ସକାଳେ ବସ କଲଭର୍ଟକୁ ଧକ୍କା ଦେବାରୁ ୩ ଆହତ ହୋଇଛନ୍ତି । ଡାବୁଗାଁ- ପାପଡାହାଣ୍ଡି ୩୯ ନଂ ରାଜ୍ୟରାଜପଥରେ ଉମରକୋଟରୁ ସେମିଲିଗୁଡା ଯାଉଥିବା (ନଂ. ଓଡି୧୦ଡି ୨୩୪୦) ଏକ ଘରୋଇ ବସ ମହେନ୍ଦ୍ରୀ ଛକ ନିକଟରେ ଅନ୍ୟ ଏକ ବସକୁ ଓଭରଟେକ କରୁଥିଲା। ଏହି ସମୟରେ ଡ୍ରାଇଭର ଭାରସାମ୍ୟ ହରାଇ ରାସ୍ତାରେ ଥିବା ଏକ କଲଭର୍ଟର ଡାହାଣ କାନ୍ଥରେ ବାଡେଇ ହେବାରୁ କାନ୍ଥ ଭାଙ୍ଗି ଯାଇଥିଲା। ଏହାପରେ ଆଗରେ ଥିବା ଏକ ଗଛରେ ଧକ୍କା ଦେଇ ବାମ ଆଡକୁ ଯିବା ସମୟରେ ଗାଡିର ପଛର ୪ଟି ଯାକ ଚକା ବାହାରି ରାସ୍ତା କଡରେ ଥିବା ଜମିକୁ ଚାଲି ଯାଇଥିଲା। ଗାଡିରେ ଥିବା ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀମାନେ ଅଳ୍ପକେ ରକ୍ଷା ପାଇଥିଲେ ମଧ୍ୟ ୩ ଜଣ ସାମାନ୍ୟ ଆହତ ହୋଇଛନ୍ତି। ସେମାନେ ହେଲେ ଡାବୁଗାଁ ଥାନା ଅଧୀନ ଧନସରା ଗ୍ରାମର ଯଦୁ ଭାଟ (୫୬), ସତାଇ ଭାଟ (୫୫) ଓ ମୀରା ଭାଟ (୮) । ସମସ୍ତେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଘରକୁ ଫେରିଥିଲେ ।

# ବନ୍ଧୁକ ଦେଖାଇ ଦମ୍ପତିଙ୍କ ଠାରୁ ଲୁଟ

ଉମରକୋଟ,୩୦।୧୦(ଡି.ଏନ.ଏ)

ଉମରକୋଟ ଥାନା କାରଗାଁ ନିକଟରେ ବାଇକରେ ଯାଉଥିବା ଦମ୍ପତିଙ୍କୁ ୩ ଜଣ ଦୁର୍ବୃତ୍ତ ବନ୍ଧୁକ ଓ ଭୁଜାଲି ଦେଖାଇ ନଗଦ ଟଙ୍କା ସୁନାଗହଣା ଲୁଟି ନେଇଛନ୍ତି। ପ୍ରସନ୍ନ ଦୀପ ମଲ୍ଲିକ ଓ ରଞ୍ଜିତା ମଲ୍ଲିକ ଛତିଶଗଡ ଦଗଦଲପୁରରେ ରୁହନ୍ତି। ରାଇଘରଠାରେ ଥିବା ନିଜ ବାସଭବନକୁ ବୁଲିବାକୁ ଆସିଥିଲେ। ଉମରକୋଟରେ ରହୁଥିବା ଭଉଣୀ ଅନୁପା ବିଶ୍ୱାସ ଘରକୁ ସେମାନେ ବୁଲିବାକୁ ଆସିଥିଲେ। ବୁଧବାର ଅପରାହ୍ନରେ ଜଗଦଲପୁର ଏକ ବାଇକରେ (ନଂସିଜି୨୭ଏ-୧୮୩୮)ରେ ଯାଉଥିବା ସମୟରେ କାରଗାଁ ଓ ବିଏସପଦର ଗ୍ରାମ ନିକଟରେ ୩ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ସେମାନଙ୍କୁ ଅଟକାଇଥିଲେ। ବନ୍ଧୁକ ଓ ଭୁଜାଲି ଦେଖାଇ ଦମ୍ପତିଙ୍କ ଠାରୁ କାନଫୁଲ, ନେକଲେସ, ମଙ୍ଗଳସୂତ୍ର ଓ ସୁନା ମୁଦି , ୨ଟି ମୋବାଇଲ, ବାଇକ ଚାବି, ବ୍ୟାଗରେ ଥିବା ନଗଦ ଟଙ୍କା ନେଇ ଧୋଡ୍ରା ଆଡକୁ ଚାଲି ଯାଇଥିଲେ। କିଛି ଦୂର ଯିବା ପରେ ବ୍ୟାଗ ଓ ଚାବି କାଠି ଫୋପାଡି ଦେଇଥିଲେ। ଲୁଟ କରିବାକୁ ଆସିଥିବା ଦୁର୍ବୃତ୍ତମାନେ ଓଡିଆ ଭାଷାରେ କଥା ହେଉଥିଲେ ବୋଲି ଜଣାପଡିଛି। ଏହା ପରେ ଦମ୍ପତି ଆସି ଉମରାକୋଟ ଥାନାରେ ଏ ସମ୍ପର୍କରେ ଜଣାଇଥିଲେ। ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।

## ଶିକ୍ଷୟିତ୍ରୀଙ୍କ ସାବୁନରେ ବାସନ ମାଜିବାରୁ ଛାତ୍ରଙ୍କୁ ମାଡ ଘଟଣା

# ଶିଶୁ କଲ୍ୟାଣ କମିଟିର ତଦନ୍ତ

ପାପଡାହାଣ୍ଡି, ୩୦।୧୦(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଡଙ୍ଗରା ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟରେ ସୋମବାର ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ୧୪ ଛାତ୍ରଙ୍କୁ ମାଡ ମାରିଥିଲେ। ବୁଧବାର ଶିଶୁ ସୁରକ୍ଷା କଲ୍ୟାଣ କମିଟି ବିଦ୍ୟାଳୟରେ ପହଞ୍ଚି ଏହାର ତଦନ୍ତ କରିଛି । କମିଟିର ଅଧକ୍ଷ ଦିବାକର ବାହୁକ ସହ ୪ ଜଣ ସଭ୍ୟା ସଭ୍ୟ ଏଥିରେ ସାମିଲ ଥିଲେ । ବିଦ୍ୟାଳୟ କମିଟି ସଭାପତି ଯୁଧିଷ୍ଠିର ଗୌଡ଼ଙ୍କ ଉପସ୍ଥିତିରେ ସମସ୍ତ ଶିକ୍ଷକ ଓ ମାଡ ଖାଇଥିବା ଛାତ୍ରମାନଙ୍କୁ ସେଦିନର ଘଟଣା ସମ୍ପର୍କରେ ପଚାରିଥିଲେ । କେଉଁ ପରିସ୍ଥିତିରେ ଶିକ୍ଷୟିତ୍ରୀ ମାଡ ମାରିଥିଲେ ତାହାର କାରଣ ପଚାରିଥିଲେ । ଘଟଣା ସମ୍ପର୍କରେ ଯୁଧିଷ୍ଠିର ଅବଗତ କରିବା ସହ ବିଦ୍ୟାଳୟ କମିଟି ଘଟଣାକୁ ନିନ୍ଦା କରୁଛି ବୋଲି କମିଟି ଆଗରେ କହିଥିଲେ । ଏବିଇଓ ଏବଂ ସିଆରସିସିଙ୍କ ତଦନ୍ତ ରିପୋର୍ଟ ଡିଇଓଙ୍କୁ ପ୍ରଦାନ କରାଯାଇଛି।

# ବସ୍ଷ୍ଟାଣ୍ଡରୁ ଅପରିଚିତ ମୃତଦେହ ଉଦ୍ଧାର

ନବରଙ୍ଗପୁର,୩୦।୧୦(ବି.ପ୍ର)

ନବରଙ୍ଗପୁର ଘରୋଇ ବସଷ୍ଟାଣ୍ଡର ବିଶ୍ରାମ ଗୃହରେ ଶୋଇଥିବା ଅବସ୍ଥାରେ ଜଣେ ବ୍ୟକ୍ତିର ମୃତ୍ୟୁ ହୋଇଛି। ତେବେ ଖବର ପାଇ ନବରଙ୍ଗପୁର ପୋଲିସ ଏସଆଇ ଦେବଦତ୍ତ ମଲ୍ଲିକ ଓ ଏଏସଆଇ ଅଶୋକ ଦେଓ ଘଟଣା ସ୍ଥଳରେ ପହଞ୍ଚିଥିଲେ । ମୃତଦେହ ଉଦ୍ଧାର କରି ଜିଲା ସଦର ମହକମା ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତବ୍ୟକ୍ତିଙ୍କ ପରିଚୟ ମିଳିପାରିନି । କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଲା ତାହା ଜଣାପଡିନି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ କାରଣ ଜଣାପଡିବ ବୋଲି ପୋଲିସ କହିଛି ।

# ଚୋରି, ଠକେଇ ଘଟଣାରେ ୫ ଗିରଫ

ନବରଙ୍ଗପୁର,୩୦।୧୦(ବି.ପ୍ର.)



ଖବରଦାତା ସମ୍ମିଳନୀରେ ଏସପି ନୀତିନ କୁସଲକର ସୂଚନା ଦେଉଛନ୍ତି।

■ ଭଣ୍ଡାରଘରଣୀ ଗ୍ୟାସ ଏଜେନ୍ସିରୁ ଚୋରି କରି ୨ ଗିରଫ

■ ସୁନାଶଙ୍ଖ ଠକେଇ ଅଭିଯୋଗରେ ୩ ଗିରଫ

ସ୍ଥାନୀୟ ରାଜୁସାହି ସ୍ଥିତି ଭଣ୍ଡାର ଘରଣୀ ଗ୍ୟାସ ଏଜେନ୍ସିରୁ ଚୋରି ଏବଂ ନକଲି ସୁନାଶଙ୍ଖ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ କରିବା ଅଭିଯୋଗରେ ନବରଙ୍ଗପୁର ପୋଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଭଣ୍ଡାର ଘରଣୀ ଗ୍ୟାସ ଅଫିସରୁ ଟଙ୍କା ଚୋରି ଘଟଣାରେ ୨ ଜଣ ଓ ନକଲି ସୁନା ଶଙ୍ଖ ଠକେଇ ଘଟଣାରେ ୩ ଜଣଙ୍କୁ ନବରଙ୍ଗପୁର ପୋଲିସ ଗିରଫ କରିଛି। ନବରଙ୍ଗପୁର ଏସପି ନିତୀନ କୁଶଲକର ବୁଧବାର ନବରଙ୍ଗପୁର ସଦର ଥାନାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଗତ ୨୭ ତାରିଖରେ ଦୁର୍ବୃତ୍ତମାନେ ନବରଙ୍ଗପୁର ମାଆ ଭଣ୍ଡାର ଘରଣୀ ଗ୍ୟାସ ଏଜେନ୍ସିକାର୍ଯ୍ୟାଳୟର ତାଲା ଭାଙ୍ଗି ଡ୍ରରୁ ୩ ଲକ୍ଷ ୩୫ ହଜାର ଟଙ୍କା ଚୋରି କରି ନେଇଯାଇଥିଲେ। ଏ ନେଇ ଥାନାରେ ନଂ ୨୬୬/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ଏସପିଙ୍କ ତତ୍ତ୍ୱାବଧାନରେ ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ, ଅତିରିକ୍ତ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ଶବର, ଏସଆଇ ଦେବଦତ୍ତ ମଲ୍ଲିକ, ଏଏସଆଇ ଅଶୋକ ଦେଓ, ସାଇବର ସେଲ କର୍ମଚାରୀଙ୍କ ଉଦ୍ୟମରେ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ନବରଙ୍ଗପୁର ଭଗବତୀ ସାହିର ରଞ୍ଜିତ ବେହେରା(୨୧) ଓ ମେଦ୍ରି ସାହିର ଉପେନ୍ଦ୍ର ଦୀପ ଓରଫ ହରିଜନ (୨୯)। ରଞ୍ଜିତଙ୍କ ଠାରୁ ୧,୩୮,୫୦୦ଟଙ୍କା, ଗୋଟିଏ ମୋବାଇଲ ଓ ଗୋଟିଏ କଳା ରଙ୍ଗର ଟୋପି ଏବଂ ଉପେନ୍ଦ୍ରଙ୍କ ଠାରୁ ୧,୯୧,୧୧୦ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ପୋଲିସ ଜବତ କରିଛି। ସେହିପରି ନକଲି ସୁନା ଶଙ୍ଖ ଦେଖାଇ ଲକ୍ଷାଧିକ ଟଙ୍କା ଠକି ନେବା ଅଭିଯୋଗରେ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ପଶ୍ଚିମବଙ୍ଗ ହୁଗୁଳି ଜିଲା ଚେଙ୍ଗୁରା ଥାନା ଅନ୍ତର୍ଗତ ବେଙ୍ଗାଲ ଗ୍ରାମ ନିବାସୀ ସହୱାଜ ଅଲ୍ଲୀ ଓ ଡାବୁଗାଁ ବ୍ଲକ ନନ୍ଦପୁରା ଗ୍ରାମର ରାଜ କିଶୋର ହରିଜନ ଦୁହେଁ ହାଇଦ୍ରାବାଦରେ ଏକାଠି କାର୍ଯ୍ୟ କରୁଥିଲେ। ରାଜ କିଶୋର ସହୱାଜଙ୍କୁ ତାଙ୍କ ନିକଟରେ ଏକ ସୁନାର ଶଙ୍ଖ ଥିବା ତାକୁ କମ୍ ଦାମରେ ବିକ୍ରୀ କରିବା ପାଇଁ ସେ ମନସ୍ଥ କରିଥିବା କହିଥିଲେ । ଏହାପରେ ଅକ୍ଟୋବର ୧୬ ତାରିଖରେ ସହୱାଜ ନବରଙ୍ଗପୁର ପହଞ୍ଚି ମାଝୀଗୁଡା ଛକରେ ଉକ୍ତ ଶଙ୍ଖ ଦେଖିବା ପରେ ୪୦ ହଜାର ଟଙ୍କା ଦେଇଥିଲେ। ଏହାପରେ ୨୬ ତାରିଖରେ ସହୱାଜ ୨,୮୫,୦୦୦ ଟଙ୍କା କିଶୋର ହରିଜନ ଓ ଦେବ ହରିଜନଙ୍କୁ ଦେଇ ସୁନା ଶଙ୍ଖକୁ ନେଇଥିଲେ। ତେବେ ପରବର୍ତ୍ତୀ ସମୟରେ ଶଙ୍ଖଟି ସୁନାର ନୁହେଁ କୌଣସି ଏକ ଅନ୍ୟ ଧାତୁରେ ନିର୍ମିତ ହୋଇଥିବା ଏବଂ ରାଜ କିଶୋର ଠକିଥିବା ସହୱାଜ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ନବରଙ୍ଗପୁର ଥାନାରେ ସହୱାଜ ଏତଲା ଦେଇଥିଲେ। ଥାନାରେ ନଂ ୨୬୭/୧୯ରେ ମାମଲା ରୁଜୁ ହୋଇଥିଲା। ଡାବୁଗାଁ ବ୍ଲକ ନନ୍ଦପୁରର ରାଜ କିଶୋର ସୁନା (୨୦), ଉମରକୋଟ ଥାନା ଅନ୍ତର୍ଗତ ଲୁକାଗୁଡା ଗ୍ରାମର ଦେବ ହରିଜନ(୩୦) ଓ ଉମରକୋଟ ଥାନା ଝରିଆଗୁଡା କରେଶ ହରିଜନ (୨୩)ଙ୍କୁ ପୋଲିସ ଗିରଫ କରିକୋର୍ଟଚାଲାଣ କରିଛି। ରାଜକିଶୋରଙ୍କ ଠାରୁ ୧,୧୪,୦୦୦ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ, ଦେବଙ୍କ ଠାରୁ ୩୬ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ, କରେଶଙ୍କ ଠାରୁ ୧୦ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଜବତ କରି କୋର୍ଟ ଚାଲାଣ କରିଛି।

# ଡାବୁଗାଁରେ ଫସଲ ପ୍ରଦର୍ଶନୀ, ଚାଷୀ ସମ୍ମିଳନୀ

ଡାବୁଗାଁ, ୩୦।୧୦ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ବୋରିଗାଁ ପଞ୍ଚାୟତ ଅଧୀନ ପରିଆବେଡା ଗ୍ରାମରେ ଶ୍ରୀରାମ ବାୟୋସିଡ ଜେନେଟିକ ଶଙ୍କର ଧାନ ଓ ମକା ବିହନ କମ୍ପାନୀ ତରଫରୁ ଫସଲ ପ୍ରଦର୍ଶନୀ ଓ ଚାଷୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀରାମ ବାୟୋସିଡ ଜେନେଟିକ ସିଡ୍ସ କମ୍ପାନୀର କ୍ଷେତ୍ର ଅଧିକାରୀ ସୌଭାଗ୍ୟ କୁମାର ସାହୁ ଯୋଗ ଦେଇଥିଲେ। ଚାଷୀ ମାନଙ୍କୁ ଉନ୍ନତ ଚାଷ ପ୍ରଣାଳୀ, ଶଙ୍କର ଜାତୀୟ ମକା ଓ ଧାନ ବିହନ ଚାଷ କରି ଅଧିକ ଅମଳ ପାଇବା ଓ ଫସଲରେ ବିଭିନ୍ନ ସମୟରେ ଦେଖା ଯାଉଥିବା ରୋଗପୋକର ନିରାକରଣ ଉପରେ ବୁଝାଇଥିଲେ । ଏହା ପରେ ଚାଷୀ ସାମିଲଧର ଭତ୍ରାଙ୍କ ନିଜ କ୍ଷେତରେ ଶ୍ରୀରାମ ବାୟୋସିଡ ଜେନେଟିକ କମ୍ପାନୀର ଶଙ୍କର ମକା ଧାନ ୭୯୯ ଚାଷକୁ ଚାଷୀମାନେ ପରିଦର୍ଶନ କରିଥିଲେ । ଏଥିରେ ଡାବୁଗାଁ ଓ ବୋରିଗାଁର ବିକ୍ରେତା ଓ ପାରିଆବେଡା, ବୋରିଗାଁ, ଛେଲିବେଡା, ମେଣ୍ଡ୍ରିଗୁଡା, ମଝିଗୁଡା ଗ୍ରାମରୁ ପ୍ରାୟ ୪୦୦ ରୁ ଊର୍ଦ୍ଧ୍ୱ ଚାଷୀମାନେ ଉପସ୍ଥିତ ଥିଲେ ।

# ଛାତ୍ରୀଛାତ୍ରଙ୍କ ସହ ମଧ୍ୟାହ୍ନଭୋଜନ ଖାଇଲେ ଗଣଶିକ୍ଷା ମନ୍ତ୍ରୀ

## ତାରାଗାଁ ନୋଡାଲ ହାଇସ୍କୁଲ ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ପାଇଁ ଡିଇଓଙ୍କୁ ନିର୍ଦ୍ଦେଶ

ନବରଙ୍ଗପୁର,୩୦।୧୦(ବି.ପ୍ର.)-



ତାରାଗାଁ ନୋଡାଲ ହାଇସ୍କୁଲରେ ମନ୍ତ୍ରୀ, ଏମପି, ବିଧାୟକମାନେ ଛାତ୍ରୀ ଛାତ୍ରଙ୍କ ସହ ମଧ୍ୟାହ୍ନ ଭୋଜନ ଖାଉଛନ୍ତି।

ନବରଙ୍ଗପୁର ବ୍ଲକ ଅଧିନ ତାରାଗାଁ ନୋଡାଲ ସରକାରୀ ହାଇସ୍କୁଲକୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ପରିଦର୍ଶନରେ ଯାଇଥିଲେ। ମନ୍ତ୍ରୀ ବିଦ୍ୟାଳୟରେ ନବମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ଖାତା ଦେଖାଇବା ପାଇଁ କହିଥିଲେ । ବହୁ ଛାତ୍ରୀ ଖାତା ଆଣି ନ ଥିବା କହିଥିଲେ । ତେବେ ବିଜ୍ଞାନ ଶିକ୍ଷୟିତ୍ରୀ ନିୟମିତ ଭାବେ ଦେଉଥିବା ହୋମୱାର୍କ ଖାତା ଦେଖୁନଥିବା ନେଇ ମନ୍ତ୍ରୀ ବିରକ୍ତ ପ୍ରକାଶ କରିଥିଲେ । ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଏ ସକ୍ରାନ୍ତରେ କାରଣ ଦର୍ଶାଅ ନୋଟିସ ଜାରି କରିବା ପାଇଁ ଜିଲାଶିକ୍ଷା ଅଧିକାରୀ ଚନ୍ଦ୍ର ଶେଖର ପାଣିଗ୍ରାହୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ସେ କସ୍ତୁରବାଗାନ୍ଧି ବିଦ୍ୟାଳୟ ଯାଇଥିଲେ। ଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ଖାଇବା ପାଇଁ ଧାଡିରେ ଠିଆ ହୋଇଥିବା ବେଳେ ଅପରାହ୍ନ ୧.୧୫ ସୁଦ୍ଧା ରୋଷେଇ ଚାଲିଥିଲା । ଏହା ଦେଖି ମନ୍ତ୍ରୀ ବିଗିଡି ଯାଇଥିଲେ । ସେଠାରୁ ସେ ପ୍ରାଥମିକ ବିଦ୍ୟାଳୟକୁ ଯାଇ ପିଲାଙ୍କ ସହ ମଧ୍ୟାହ୍ନ ଭୋଜନ ଖାଇଥିଲେ । ମନ୍ତ୍ରୀଙ୍କୁ ଯେଉଁ ଥାଳିରେ ଖାଇବାକୁ ଦିଆଯାଇଥିଲା ସେହିଥାଳିକୁ ଜଣେ ଛାତ୍ରକୁ ଦେଇ ଉକ୍ତ ଛାତ୍ରର ଥାଳିକୁ ଆଣି ମନ୍ତ୍ରୀ ନିଜେ ଖାଇଥିଲେ । ମଧ୍ୟାହ୍ନ ଭୋଜନରେ ଅଣ୍ଡା ଓ ଆଳୁ ତରକାରି ଦିଆଯାଇଥିଲା । ସେହି ଖାଦ୍ୟ ଖାଇ ମନ୍ତ୍ରୀ ଖୁସି ହୋଇଥିଲେ । ତେବେ ମଧ୍ୟାହ୍ନ ଭୋଜନ ପୂର୍ବରୁ ପିଲାମାନେ ହାତ ସଫା କରୁନଥିବାରୁ ଶିକ୍ଷକ ମାନଙ୍କ ଉପରେ ବିରକ୍ତ ହୋଇଥିଲେ । ପିଲାମାନଙ୍କ ସହ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ୧୦ ଲକ୍ଷ ଟଙ୍କା ବ୍ୟୟରେ ଏକ କୋଠା ନିର୍ମାଣ ହେବ । ଏନେଇ ଅନୁଦାନ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଖବରଦାତାଙ୍କୁ ସୂଚନା ଦେଇ ମନ୍ତ୍ରୀ କହିଥିଲେ ଯେ, ବିଜ୍ଞାନ ଶିକ୍ଷୟିତ୍ରୀ ନିୟମିତ ଖାତା ଦେଖିଥିଲେ ଏଭଳି ବ୍ୟତିକ୍ରମ ହୋଇ ନଥାନ୍ତା । ଏଥିପାଇଁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ । କସ୍ତୁରବା ଗାନ୍ଧି ବିଦ୍ୟାଳୟରେ ରୋଷେଇ ବିଳମ୍ବ ନେଇ ରୋଷେୟା ଠିକ ସମୟ ପୂର୍ବରୁ ରୋଷେଇ ସାରିବା ପାଇଁ ପରାମର୍ଶ ଦେଇଥିଲେ । ମଧ୍ୟାହ୍ନ ଭୋଜନ ପୂର୍ବରୁ ପିଲାମାନେ ଯେମିତି ଠିକ ଭାବେ ହାତ ଧୋଇବେ ସେ ନେଇ ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କୁ ପରାମର୍ଶ ଦିଆଯାଇଥିବା ମନ୍ତ୍ରୀ ଦାଶ କହିଥିଲେ । ମନ୍ତ୍ରୀଙ୍କ ସହ ଏମପି ରମେଶ ଚନ୍ଦ୍ର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ମଧ୍ୟାହ୍ନ ଭୋଜନ ଖାଇଥିଲେ ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ଆର୍ଆଇ ଅଫିସ ଉଦ୍‌ଘାଟିତ



ମୁନିଗୁଡ଼ା, ୩୦।୧୦(ଡି.ଏନ୍.ଏ.) ମୁନିଗୁଡାରେ ବୁଧବାର ରାଜସ୍ୱ ନିରୀକ୍ଷକ(ଆର୍ଆଇ)ଙ୍କ ନୂତନ ଅଫିସ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ମୁନିଗୁଡା ତହସିଲଦାର ଦେବାଶିଷ ଗୌଡ଼ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ଆୟୁବ ମଣ୍ଡଳ, ଆର୍ଆଇ ନୀଳାଞ୍ଚଳ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୁରୋହିତ ନିକୁଞ୍ଜ ଶତପଥୀଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା। ମୁନିଗୁଡା ଆର୍ଆଇ ବିଶ୍ୱନାଥ ଶବର ନୂତନ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ଅତିଥିମାନଙ୍କୁ ବୁଲାଇ ଦେଖାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣି ସବିତା ଗମାଙ୍ଗ, କିରାଣି ଲୋପାମୁଦ୍ରା ପ୍ରଧାନ, ମୋନାଲିଶା ଗୌଡ଼, ନୀଳକଣ୍ଠ ମିଶ୍ର, କରୁଣାକର କଅଁର, ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଜଗନ୍ନାଥ ମନ୍ଦିରରେ ଲାଗିଲା ହାଇମାଷ୍ଟ ଲାଇଟ



ମୁନିଗୁଡ଼ା, ୩୦।୧୦(ଡି.ଏନ୍.ଏ.) ମୁନିଗୁଡା ଜଗନ୍ନାଥ ମନ୍ଦିରରେ ବୁଧବାର ସନ୍ଧ୍ୟାରେ ନୂତନ ଭାବେ ହାଇମାଷ୍ଟ ଲାଇଟ ଲଗାଯାଇଛି। ମୁନିଗୁଡା ମନ୍ଦିର ପରିଚାଳନା ସମିତି ଆନୁକୂଲ୍ୟରେ ମନ୍ଦିର ଚାରିପଟେ ୧୧ଟି ହାଇମାଷ୍ଟ ଲାଇଟ ଲଗିଛି। ଏହି ଅବସରରେ ଜଗନ୍ନାଥ ମନ୍ଦିର ମୁଖ୍ୟ ସେବକ ନରୋତ୍ତମ ଦାସ ଓ ହନୁମାନ ମନ୍ଦିର ପୂଜାରୀ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀଙ୍କ ମିଳିତ ପୌରୋହିତ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର ପରିସରରେ ଲାଇଟ୍ ବ୍ୟବସ୍ଥା ନଥିବାରୁ ମନ୍ଦିରକୁ ଆସୁଥିବା ଭକ୍ତମାନେ ଅସୁରକ୍ଷିତ ମନେ କରୁଥିଲେ। ମନ୍ଦିର ପରିଚାଳନା କମିଟିର ରତନଲାଲ ଜୈନ, ବିଦ୍ୟାଧର ଦାସ, ସନ୍ତୋଷ କୁମାର ବ୍ରହ୍ମ, କେ.ସତ୍ୟନାରାୟଣ ବାବୁଜି, ପୂର୍ଣ୍ଣଚନ୍ଦ୍ର ଗୌଡ଼, ସୁଦାମ ପଣ୍ଡା, ଜ୍ୟୋତିରାମ ପାତ୍ର, ଅନିଲ ତାରିଣୀ, ଦେବେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବିଷ ପିଇ ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୩୦।୧୦: ବିଷ ପାନ କରି ଗୁରୁତର ଥିବା ଜଣେ ଯୁବକଙ୍କର ଏମ୍‌କେସିଜି ମେଡିକାଲରେ ବୁଧବାର ସକାଳେ ମୃତ୍ୟୁ ହୋଇଛି। ସେ ହେଉଛନ୍ତି ପ୍ରଶାନ୍ତ ସାହୁ (୨୮)। ଘର ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଅରଖପୁର ବୋଲି ମେଡିକାଲ ଫାଣ୍ଡି ପୋଲିସ କହିଛି। ପୋଲିସ ମୃତଦେହ ଜବତ କରି ନଂ. ୫୭୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। କୌଣସି ଏକ ଘରୋଇ ଅଶାନ୍ତିରୁ ପ୍ରଶାନ୍ତ ଗତ ୨୭ ତାରିଖରେ ବିଷପାନ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

■ ବିଶ୍ୱ ମିତବ୍ୟୟିତା ଦିବସ

# ସୁଖୀ ଜୀବନ ପାଇଁ ସଞ୍ଚୟ ଜରୁରୀ

ରାୟଗଡ଼ା ଅଫିସ, ୩୦।୧୦



-ଜିଲାପାଳ ପତାକା ଦେଖାଇ ଶୋଭାଯାତ୍ରା ଶୁଭାରମ୍ଭ କରୁଛନ୍ତି।

ରାୟଗଡ଼ା ଜିଲା ପ୍ରଶାସନ ବୁଧବାର ବିଶ୍ୱ ମିତବ୍ୟୟିତା ଦିବସ ପାଳନ କରିଛି। ଏହି ଅବସରରେ ଗଜପତି ଛକରୁ ଏକ ଜନ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଜିଲାପାଳ ପ୍ରମୋଦ କୁମାର ବେହେରା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ସହ ଏକ ଭ୍ରାମ୍ୟମାଣ ସଞ୍ଚୟ ରଥ ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ସଞ୍ଚୟର ଉପାଦେୟତା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିଥିଲେ। ସମାଜରେ ବଢ଼ି ଚାଲିଥିବା ଅପଚୟର ସ୍ରୋତକୁ କିପରି ରୋକାଯାଇପାରିବ ସେ ଦିଗରେ ସେମାନେ ସ୍ଲୋଗାନ ଦେଇଥିଲେ। ହାତରେ ପ୍ଲାକାର୍ଡ଼ ଏବଂ ବ୍ୟାନର ଧରି ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଧ୍ରୁବ କୁମାର ନାୟକ, ଜିଲା କ୍ରୀଡ଼ାଧିକାରୀ ଶେଖ ଅଲିନୁର, ରାୟଗଡ଼ା ମହିଳା ମହାବିଦ୍ୟାଳୟର ଏନ୍‌ସିସି ଅଫିସର ରୀତା ରାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ଶିକ୍ଷାନୁଷ୍ଠାନ ତାଲିମ କେନ୍ଦ୍ର, ଏନସିସିର ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

■ରେଳବାଇ ସୁରକ୍ଷା ବଳ ଆଇଜିଙ୍କ ରାୟଗଡ଼ା ଗସ୍ତ

# ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କଲେ

## ଯାତ୍ରୀଙ୍କ ସୁବିଧା ପାଇଁ ହେଲ୍‌ପ ଲାଇନ୍ ନମ୍ବର ଜାରି

ରାୟଗଡ଼ା ଅଫିସ,୩୦।୧୦

ପୂର୍ବତଟ ରେଳବାଇ ସୁରକ୍ଷା ବଳ ଆଇଜି ରାଜାରାମ ବୁଧବାର ଦିନିକିଆ ରାୟଗଡ଼ା ଗସ୍ତରେ ଆସି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଟ୍ରେନରେ ସୁରକ୍ଷିତ ଯାତ୍ରା ଉପରେ ବିଶେଷ ଧ୍ୟାନ ଦିଆଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ବିଶେଷକରି ମହିଳା ଓ ଶିଶୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ। ଯାତ୍ରୀଙ୍କ କୌଣସି ଅସୁବିଧା ହେଲେ ହେଲ୍‌ପ ଲାଇନ ନମ୍ବର ୧୮୨କୁ ଯୋଗାଯୋଗ କରିବାକୁ କୁହାଯାଇଛି।


ରାଜା ରାମ।

# ଇମ୍ଫାରେ ଭବିଷ୍ୟନିଧି ପାଣ୍ଠି ସଚେତନତା କର୍ମଶାଳା


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଜେକେପୁର,୩୦।୧୦

ରାୟଗଡାସ୍ଥିତ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସହକାରୀ ଆୟୁକ୍ତ ଆବେଷ ମିଶ୍ରଙ୍କ ନେତୃତ୍ୱରେ ଇମ୍ଫା କମ୍ପାନୀ ପରିସରରେ ସତର୍କତା ଜାଗରଣ ସପ୍ତାହ ଉପଲକ୍ଷେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଇମ୍ଫାର କର୍ମଚାରୀ, ଶ୍ରମିକ, ଠିକାଦାର ଯୋଗ ଦେଇଥିଲେ। କର୍ମଶାଳାରେ ଉପସ୍ଥିତ କର୍ମଚାରୀମାନଙ୍କୁ ଭବିଷ୍ୟନିଧି ପାଣ୍ଠିର ସଦ୍ ବିନିଯୋଗ ଓ ପରିଚାଳନା ବିଷୟରେ ଅତିଥିମାନେ ବୁଝାଇଥିଲେ। ପରେ ଏକ ଅଭିଯୋଗ ଶୁଣାଣି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ମଚାରୀମାନଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରାଯାଇଥିଲା। ଏଥିରେ ଅତିରିକ୍ତ ଆୟୁକ୍ତଙ୍କ ସହିତ ପି.କେ. ମହାରଣା, ଏସ୍.ଏନ୍. ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଇମ୍ଫାର ଉପମହାପ୍ରବନ୍ଧକ ଅଜୟ କୁମାର ବେହୁରିଆଙ୍କ ସହିତ ଉଚ୍ଚାଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟିକୁ ଇମ୍ଫାର ବରିଷ୍ଠ ପରିଚାଳକ ଅନାମ ଚନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ।

■ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ପ୍ରମୁଖ ସଚିବଙ୍କ ଜେକେପୁର ଗସ୍ତ

# ଡାକ୍ତରଖାନା ବୁଲି ସ୍ୱାସ୍ଥ୍ୟସେବା ବୁଝିଲେ

ଜେକେପୁର, ୩୦।୧୦ (ଡି.ଏନ୍.ଏ.)


ସଚିବ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଡାକ୍ତର ଓ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ପ୍ରମୁଖ ସଚିବ ଅନୁ ଗର୍ଗ ବୁଧବାର ଜେକେପୁରସ୍ଥିତ ଇଏସ୍‌ଆଇ ହସ୍ପିଟାଲ ପରିଦର୍ଶନ କରି ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ଲୋକମାନେ ବିଶେଷ ଭାବେ ଅସୁବିଧା ଭୋଗୁଥିବା ନେଇ ଲୋକେ ଅଭିଯୋଗ କରିଥିଲେ। ଡାକ୍ତରଖାନାରେ ଆମ୍ବୁଲାନ୍ସ ଥିଲେ ମଧ୍ୟ ଡ୍ରାଇଭର ନ ଥିବାରୁ ଏହାର ସୁବିଧା ରୋଗୀ ପାଇ ପାରୁ ନାହାନ୍ତି। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ରରେ ମାତ୍ର ୨ ଜଣ ଡାକ୍ତର ଓ ୪ ଜଣ ନର୍ସ ରହିଛନ୍ତି ବୋଲି ଅନୁ ଗର୍ଗଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତୁରନ୍ତ ଆମ୍ବୁଲାନ୍ସ ପାଇଁ ଡ୍ରାଇଭର ନିଯୁକ୍ତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଆରଡିଏ ପିଡି ଅମ୍ରିତ ଋତୁରାଜ, ଇଏସ୍‌ଆଇ ଇନ୍‌ଚାର୍ଜ ଶ୍ୟାମ ପ୍ରସାଦ ମିଶ୍ର, ବିରଞ୍ଚି ନାରାୟଣ ପଣ୍ଡା, ବିଡିଓ ରାଜେନ୍ଦ୍ର ମାଝି, ବିଏମ୍‌ଏସ୍ ସଭାପତି ଶତ୍ରୁଘ୍ନ, ପୂର୍ବତନ ସଭାପତି ରାଜକିଶୋର ସ୍ୱାଇଁ, ଓ୍ୱାର୍କର ୟୁନିୟନର ଚିତ୍ତରଞ୍ଜନ ମହାନ୍ତି, ସାଧାରଣ ସମ୍ପାଦକ ଜି.ଭି. ରାବଣା ପ୍ରମୁଖ ଉପସ୍ଥିତ ଥିଲେ। ଜେକେ କାଗଜକଳ ପିଆରଓ ସୁନିଲ କୁମାର ନାଥ, ଜେକେ କାଗଜ କଳ ମୁଖ୍ୟ ପବନ ସୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଚନ୍ଦ୍ରପୁର, ୩୦।୧୦(ଡି.ଏନ୍.ଏ.)

ଚନ୍ଦ୍ରପୁରରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ଜର୍ଜ ଡୁଙ୍ଗ୍‌ଡୁଙ୍ଗ୍ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ପରିଙ୍ଗା, ଏପିଓ ବିନୟ କୁମାର ପାଣି, ବନପାଳ ଡମ୍ବରୁଧର ସେନାପତି, ସିଡିପିଓ ମୀନାକ୍ଷୀ ସାହୁ, ସନ୍ଧ୍ୟାରାଣୀ ଦୋରା, ବାଳକୃଷ୍ଣ ପ୍ରଧାନ, ଡା. ପ୍ରତ୍ୟୁଷ ମିଶ୍ର, ଯନ୍ତ୍ରୀ ଜିତେନ୍ଦ୍ର ପାତ୍ର, ଦୟାନିଧି ଶବର, ପ୍ରଦୀପ ଯୁନାକା, ଜ୍ୟୋତ୍ସ୍ନା ଶବର, ମାଳି ଯୁନାକା, ଲାଡି ସତ୍ୟ ନାରାୟଣ, ଶ୍ରବଣ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ ୬୦ରୁ ଊର୍ଦ୍ଧ୍ୱ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ମୁଖ୍ୟତଃ ପିଇବା ପାଣି, ସ୍ୱାସ୍ଥ୍ୟ, ଉନ୍ନୟନମୂଳକ କାମ ନେଇ ଅଭିଯୋଗ ହସ୍ତଗତ ହୋଇଥିଲା। ଏଥିସହ ମଦର ଟେରେସା, ତାରିଣୀ, ଝାନ୍ସୀ ରାଣୀ ଲକ୍ଷ୍ମୀବାଈ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସାମୂହିକ ଋଣ ପାଇଁ ଦରଖାସ୍ତ ଗ୍ରହଣ କରାଯାଇଛି।

### ଓଲଟିଲା ବିଡିଓଙ୍କ ଗାଡ଼ି: ଡ୍ରାଇଭର ଗୁରୁତର

ରାୟଗଡ଼ା ଅଫିସ, ୩୦।୧୦

କ୍ଷେତ୍ର ପରିଦର୍ଶନ କରି ଫେରୁଥିବା ବେଳେ ରାୟଗଡ଼ା ବିଡିଓଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଡ୍ରାଇଭର ଗୁରୁତର ହୋଇଛନ୍ତି। ବୁଧବାର ରାୟଗଡ଼ା ବିଡିଓ ରାଜେନ୍ଦ୍ର ମାଝି ଓ ଏବିଡିଓ ନୃସିଂହ ଚରଣ ପଟ୍ଟନାୟକ ଗାଡି(ଓଆର୍-୧୮-୪୮୭)ଯୋଗେ ରାୟଗଡ଼ା ଫେରୁଥିବା ବେଳେ ଆଲୁବାଡି ପଞ୍ଚାୟତ ପାଲେରୁପଡି ଘାଟିରେ ଓଲଟି ପଡିଥିଲା। ଏଥିରେ ଡ୍ରାଇଭର ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।




ପଦ୍ମପୁରରେ ମା’ କାଳୀଙ୍କୁ ପୂଜା କରାଯାଉଛି।


ଗୁଣପୁରରେ ପ୍ରଜାପିତା ବ୍ରହ୍ମାକୁମାରୀମାନେ ବିଭିନ୍ନ ବେଶରେ ସଜ୍ଜିତ ହେଇଛନ୍ତି।

# ଜିଲା ବିକାଶ ପାଇଁ ଭାଜପାର ଦାବିପତ୍ର

ରାୟଗଡା ଅଫିସ, ୩୦।୧୦

ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ପ୍ରମୁଖ ସଚିବ ଅନୁ ଗର୍ଗଙ୍କୁ ଭାଜପାର ଏକ ପ୍ରତିନିଧି ଦଳ ଭେଟି ସ୍ଥାନୀୟ ଅଞ୍ଚଳ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଭାଜପା ପ୍ରତିନିଧି ଦଳ ଏଥିସହ ୧୨ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ତାଙ୍କୁ ଦେଇଛନ୍ତି।

ଜିଲାର ବିଭିନ୍ନ ଚିକିତ୍ସାଳୟରେ ଡାକ୍ତର ଓ ସ୍କୁଲରେ ଶିକ୍ଷକ ଅଭାବ ଥିବା ନେଇ ସେମାନେ ଅନୁ ଗର୍ଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଘର ନାଁ ରେ ଲୋକଙ୍କୁ ଠକେଇ କରାଯାଉଥିବା ନେଇ ଭାଜପା ଅଭିଯୋଗ କରିଥିଲା। ଏଥିସହ ପିଡିଏସ୍ ଚାଉଳ ଯୋଗାଣରେ ଠକେଇ, ଚାଷୀ ପଞ୍ଜୀକରଣରେ ଅବ୍ୟବସ୍ଥା, ଅଙ୍ଗନୱାଡି କେନ୍ଦ୍ରରେ ଛତୁଆ ନିମ୍ନମାନର ମିଳୁଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ୫-ଟି ସଚିବଙ୍କ ରାୟଗଡ଼ା ଗସ୍ତ ପରେ ମଧ୍ୟ କୌଣସି ଉନ୍ନତି ହୋଇନାହିଁ ବୋଲି ଭାଜପା କହିଛି। ଜିଲାର ସର୍ବାଙ୍ଗୀନ ବିକାଶ ଏବଂ ପରିବର୍ତ୍ତନ ଆବଶ୍ୟକ ବୋଲି ଦଳ କହିଛି। ଜିଲାପାଳଙ୍କ ସହ ସମସ୍ତ ବିଷୟରେ କଥା ହୋଇ ପଦକ୍ଷେପ ନିଆଯିବ ବୋଲି ଅନୁ ଗର୍ଗ କହିଥିଲେ। ସ୍ମାରକପତ୍ର ପ୍ରଦାନ ବେଳେ କାଳିରାମ ମାଝି, ରଜତ ମାଦଳା, କୃଷ୍ଣଚନ୍ଦ୍ର ପଣ୍ଡା, ଏମ୍. ରାମା ରାଓ, ରୂପଣା ତାଡାଙ୍ଗୀ, ବୃନ୍ଦାବନ ସାରକା ପ୍ରମୁଖ ଉପସ୍ଥିତ ଥିଲେ।

■ ବିଜେଡି ଛାଡ଼ିଲେ ଶଙ୍କର ବିଡିକା

# ଦଳରେ ସମ୍ମାନ ମିଳୁ ନଥିଲା


ଖବରଦାତା ସମ୍ମିଳନୀରେ ଶଙ୍କର ବିଡିକା ସୂଚନା ଦେଉଛନ୍ତି।

ରାୟଗଡ଼ା ଅଫିସ, ୩୦।୧୦

ରାୟଗଡ଼ାର ଆଦିବାସୀ ନେତା ତଥା ବିଜେଡିର ଜଣେ ସକ୍ରିୟ କର୍ମୀ ଶଙ୍କର ବିଡିକା ବୁଧବାର ଦଳ ଛାଡିଛନ୍ତି। ଦଳରେ ତାଙ୍କୁ ଉଚିତ୍ ସମ୍ମାନ ନ ମିଳିବାରୁ ସେ ଏଭଳି ନିଷ୍ପତ୍ତି ନେଇଥିବା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ପ୍ରକାଶ ଯେ, ୨୦୧୭ ଜାନୁୟାରୀରେ ଶଙ୍କର ବିଡିକା କଂଗ୍ରେସ ଛାଡ଼ି ବିଜେଡିରେ ମିଶିଥିଲେ। ବିଜେଡିର ସ୍ଥାନୀୟ ନେତାମାନେ ରାୟଗଡ଼ାର ବିକାଶ କଥା ନ ଭାବି ଆନ୍ଧ୍ରକୁ ଅଧିକ ଗୁରୁତ୍ୱ ଦେଉଥିବା ସେ ଅଭିଯୋଗ କରିଛନ୍ତି। ଆଞ୍ଚଳିକ ସମସ୍ୟାକୁ ଗୁରୁତ୍ୱ ଦିଆଯାଉ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ରାୟଗଡ଼ାରେ ଠିକ ଭାବେ କାର୍ଯ୍ୟକାରୀ ହେଉ ନାହିଁ ବୋଲି ସେ କହିଛନ୍ତି।

### ବାଇକ୍‌ରୁ ଖସି ମହିଳା ମୃତ

ବ୍ରହ୍ମପୁର ଅଫିସ,୩୦।୧୦

ସ୍ୱାମୀଙ୍କ ସହ ମନ୍ଦିର ଦର୍ଶନ ସାରି ଘରକୁ ଫେରୁଥିବା ବେଳେ ବାଇକ୍‌ରୁ ଖସି ଗୁରୁତର ହୋଇଥିବା ଜଣେ ମହିଳାଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ସେ ହେଲେ ନମିତା ପ୍ରଧାନ (୨୪)। ତାଙ୍କ ଘର ଶେରଗଡ ଥାନା ଅନ୍ତର୍ଗତ ଗୋଠଗାଁରେ ବୋଲି ମେଡିକାଲ ଫାଣ୍ଡି ପୋଲିସ କହିଛି। ପୋଲିସ ମୃତଦେହ ଜବତ କରି ନଂ.୫୭୦/୧୯ରେ ଏକ ମାମଲା ରୁଜୁକରିଛି।

# କୁମ୍ଭିକୋଟାରେ ପଲ୍ଲୀରେ ପ୍ରଶାସନ

ରାୟଗଡ଼ା ଅଫିସ,୩୦।୧୦

ରାୟଗଡ଼ା ବ୍ଲକ କୁମ୍ଭିକୋଟାଠାରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ଼ା ବିଡିଓ ରାଜେନ୍ଦ୍ର ମାଝି ଅଧ୍ୟକ୍ଷତା କରିଥିଲେ । ରାୟଗଡ଼ା ତହସିଲଦାର ଉମାଶଙ୍କର ବେହେରା ,ଏସିଏସଓ ବିଶ୍ୱନାଥ ସେନାପତି,ଏବିଡିଓ ନୃସିଂହଚରଣ ପଟ୍ଟନାୟକ, ସିଡ଼ିପିଓ ପୁଷ୍ପାଞ୍ଜଳୀ ମିଶ୍ର, ଏବିଇଓ ୱାଗ୍ରୀହୀ ଶବର ପ୍ରମୁଖ ଉପସ୍ଥିତ ଥିଲେ । ନିର୍ମାଣ ଶ୍ରମିକ ନିମନ୍ତେ ୩୩ ଜଣ ପଞ୍ଜୀକରଣ ନିମନ୍ତେ ଦରଖାସ୍ତ କରିଥିଲେ। ଏଥିରେ ମୋଟ ୧୮୩ ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୨ ଟି ଗୋଷ୍ଠୀଗତ ଓ ଅବଶିଷ୍ଟ ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ଏହି ଅବସରରେ ମିଶନ ଶକ୍ତି ଓ ଶିଶୁ ବିକାଶ ବିଭାଗ ତରଫରୁ ପୁଷ୍ଟିକର ଖାଦ୍ୟର ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର କରାଯାଇ ମାଗଣାରେ ଔଷଧ ବିତରଣ କରାଯାଇଥିଲା । ପ୍ରୋଜେକ୍ଟର ମାଧ୍ୟମରେ ବିଭିନ୍ନ ସରକାରୀ ଯୋଜନା ନେଇ ପ୍ରଦର୍ଶନ କରାଯାଇ ସଚେତନତା କରାଯାଇଥିଲା । ଅତିଥିମାନେ କୁମ୍ଭିକୋଟା ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନର ମାନ, ଖାଦ୍ୟ ଚାର୍ଟ ପାଳନ ଓ ଶିକ୍ଷାଦାନ ସମ୍ପର୍କରେ ପିଲାମାନଙ୍କୁ ପଚାରି ବୁଝିଥିଲେ ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# ସୁରଭି ମଞ୍ଚରେ ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

ବିଷମକଟକ/କୋଲନରା, ୩୦।୧୦(ଡି.ଏନ.ଏ.)



ବିଷମକଟକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ।

ବୁଧବାର ରାୟଗଡ଼ାର ବିଭିନ୍ନ ସ୍ଥାନରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇଛି। କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି।

ବିଷମକଟକରେ ବିଡିଓ ଜୟଚନ୍ଦ୍ର ପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଷମକଟକ ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଅଧକ୍ଷା ଶୈଳବାଳା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷ ରମେଶ ପାଲକା, ଡୁକୁମ୍ ସରପଞ୍ଚ କିରଣ ସାରକା, ଟ୍ରେଜେରି ଅଫିସର ଦେବେନ୍ଦ୍ର କୁମାର ବାଘ, ବିଆର୍‌ସିସି ମଦନ ପାଣି, ଏବିଓ ଗୌରୀ ଶଙ୍କର ପଟ୍ଟନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସାବିତ୍ରୀ ନାୟକ ସଞ୍ଚାଳନ କରିଥିଲେ। ସ୍କୁଲ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ୧୫ଟି କ୍ଲଷ୍ଟରରୁ ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ସଭାରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଶ୍ରୀରଙ୍ଗ ନାୟକ, ପୂର୍ବତନ ଜିଲା ପରିଷଦ ସଦସ୍ୟ କୃଷ୍ଣ ଚନ୍ଦ୍ର ହିଆଲ ଉପସ୍ଥିତ ଥିଲେ। ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ପାଢୀ ଧନ୍ୟବାଦ ଦେଇଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ଜୟନ୍ତ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଦନ ସୁନ୍ଦର ପଟ୍ଟନାୟକ, ସୋମନାଥ ୱାଡକା, ଗୋପଗୋବିନ୍ଦ ସାହୁ, ଶିବପ୍ରସାଦ ପାଢୀ, କିଶୋର ସାହୁ ଏଥିରେ ସହଯୋଗ କରିଥିଲେ। କୋଲନରାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତା କଣ୍ଡାଗିରି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏବିଡିଓ କେ.ଶିବ ଗୋପାଳ ରାଓ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତେଜରାଜ ନାଗ, ଜଗଦମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାଥ ମିଶ୍ର, ବିଆର୍‌ସିସି ବଂଶୀଧର ବେହେରା, ମୁଖ୍ୟ କିରାଣି ଅଶୋକ ସାମଲ ଓ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପାଢୀ ଉପସ୍ଥିତ ଥିଲେ। ବିଇଓ ଏମ୍. ଖଗେଶ୍ୱର ବୈଠକରେ ସଭାପତିତ୍ୱ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପ୍ରଫୁଲ୍ଲ ଚନ୍ଦ୍ର ପାଢୀ ମଞ୍ଚ ପରିଚାଳନା କରିଥିଲେ।